ଜୁଲାଇ, ୨୦୨୪

ପ୍ରିୟ ଭଉଣୀ,

ପ୍ରାୟ ଦୁଇମାସ ବିତିଗଲାଣି ମୋର ସ୍ୱାମୀ ଓ ଆମ ମେଟ୍ରୋପଲିଟାନ୍ ଧନ୍ୟ ସ୍ମୃତିରେ ପରମେଶ୍ୱରଙ୍କ ନିକଟକୁ ଗଲେଣି ପରିବାର ଭାବରେ ପୁଣି ଆମ ବିଶପ୍ ମାନଙ୍କ ପାଇଁ ଓ ଆମ ସଂପୂର୍ଣ୍ଣ ମଣ୍ଡଳୀ ନିମନ୍ତେ ଏହା ଅସହ୍ୟ ଥିଲା । ଆମେ ସମସ୍ତେ ମିଳିତ ଭାବରେ ତାଙ୍କର ବିଚ୍ଛେଦର ଶୋକ ପାଳନ କରିଅଛୁ । ତା' ସହିତ ତାଙ୍କ ଜୀବନକାଳର ନିଷ୍ଠାବାନ ସେବା ଦରିଦ୍ରମାନଙ୍କୁ ସାହାଯ୍ୟ, ଖ୍ରୀଷ୍ଟଙ୍କ ପ୍ରେମ ପ୍ରକାଶ କରିବା ତଥା ମଣ୍ଡଳୀର ନେତୃତ୍ୱ କରିବା ପାଇଁ ତାଙ୍କ ଦ୍ୱାରା ସମ୍ପାଦନ କରାଯାଇଥିବା ସମସ୍ତ କାର୍ଯ୍ୟକୁ ସ୍ମରଣ କରୁ ।

ମୁଁ ବିଶ୍ୱାସ କରେ, ଆପଣଙ୍କ ମଧ୍ୟରୁ ଅନେକେ ଶୋକ ସଭାର ଲାଇଭ୍ ସ୍କ୍ରିନିଙ୍ଗ ଦେଖିଥିବେ, ଏହା ଆମ ନିମନ୍ତେ ଆଶ୍ଚର୍ଯ୍ୟଜନକ ବିଷୟ ଥିଲା ଯେ, ଅନେକ କ୍ଷୁଦ୍ର ତଥା ମହାନ ବ୍ୟକ୍ତିମାନେ ମେଟ୍ରୋପଲିଟାନ୍‌ଙ୍କୁ ବିଦାୟ ଦେବା ନିମନ୍ତେ ଆସିଥିଲେ । ମେଟ୍ରୋପଲିଟାନ୍‌ଙ୍କ ଜୀବନ ସେମାନଙ୍କ ଜୀବନକୁ ସୁସମାଚାର ତଥା ଯୀଶୁ ଖ୍ରୀଷ୍ଟଙ୍କ ପ୍ରେମ ଦ୍ୱାରା ସ୍ପର୍ଶ କରିଥିଲା । ମୁଁ କଳ୍ପନା କରୁଛି, ଆପଣ ଆମ ପରିବାରକୁ ସେହି ବଡ଼ ପରଦାରେ ଦେଖିଥିବେ । ଏହା ସହଜ ନ ଥିଲା ପରମେଶ୍ୱର ଆମକୁ ଏହି ଦୁଃଖଦ ପରିସ୍ଥିତିରେ ସାର୍ବଜନିକ ଭାବରେ ସମ୍ମୁଖିନ ହେବା ନିମନ୍ତେ ଅନୁଗ୍ରହ ଦେଲେ । ଯେଉଁମାନେ ଆମକୁ ଆଗକୁ ଅଗ୍ରସର ହେବା ନିମନ୍ତେ ପ୍ରାର୍ଥନା କରିଛନ୍ତି ସେ ସମସ୍ତଙ୍କୁ ଆମର ଅଶେଷ ଅଶେଷ ଧନ୍ୟବାଦ ।

ଶୋକର ୪୦ଦିନ ସଂପୂର୍ଣ୍ଣ ହେବା ପର୍ଯ୍ୟନ୍ତ ମୁଁ ମୋର ଝିଅ ସାରା ଓ ତାହାର ପରବାର ସହିତ ରହିଲି । ମୁଁ ମୋ ଘରକୁ ଆସିବା ପୂର୍ବରୁ ଆମର ନୂତନ ମେଟ୍ରୋପଲିଟାନ୍‌ଙ୍କର ଚୟନ ହୋଇ ନ ଥିଲା । ମୋ ସ୍ୱାମୀ ଚାଲିଯିବା ପରେ ମୋତେ ଅନେକ ବିଷୟ ପ୍ରତି ଯତ୍ନବାନ ହେବାର ଅଛି । ପୁଣି ମୁଁ ମୋ ପରିବାରର ପ୍ରେମ ଓ ସେମାନଙ୍କର ସଂପୂର୍ଣ୍ଣ ସାହାଯ୍ୟ ସକାଶେ ଧନ୍ୟବାଦୀ ଅଟେ ।

ଯେବେ ଠାରୁ ମୁଁ ଘରକୁ ପ୍ରତ୍ୟାବର୍ତ୍ତନ କରିଛି, ତେବେ ଠାରୁ ମୁଁ ସେହି ଭଉଣୀମାନଙ୍କୁ ମନେ ପକାଉଛି, ଯେଉଁମାନେ ମୋତେ ପ୍ରେମ କରନ୍ତି, ମୋର ପରିବାରକୁ ପ୍ରେମ କରନ୍ତି ଓ ଆମ ପାଇଁ ପ୍ରାର୍ଥନା କରନ୍ତି । ମୋତେ ଲାଗୁଛି,  ଆପଣମାନେ ଭାବୁଥିବେ ଯେ ମୁଁ ମୋ ସ୍ୱାମୀଙ୍କୁ ହରେଇବା ପରେ ମୁଁ କେମିତି ରହିବି ?

ପ୍ରିୟ ଭଉଣୀ, ଏହି ପତ୍ର ମାଧ୍ୟମରେ ମୁଁ କିପରି ଅନୁଭବ କରୁଅଛି ଓ ଏହି କଠିନ ସମୟରେ ପରମେଶ୍ୱର ମୋତେ ଯେଉଁ ଅନୁଗ୍ରହ ଦେଇଛନ୍ତି ସେହି ବିଷୟ ଜଣେଇବାକୁ ଚାହେଁ । ଏହି ପତିତ ଜୀବନରେ ଆମେ ଆମ ଜିବନ କାଳରେ ସଂଘର୍ଷ ଓ କେତେକ କ୍ଷତିର ଅନୁଭବ କରିବା । ସେଥିପାଇଁ ବୋଧହୁଏ ଆଜି ମୁଁ ଯାହା ଲେଖୁଅଛି, ତାହା କୌଣସି ଗୋଟିଏ ଦିନ ଆପଣଙ୍କ କାମରେ ଆସିବ ।

ମୋର ନାତି ନାତୁଣି ସହିତ ମୋର ପରିବାରର ସମସ୍ତେ ଆମେ ମେଟ୍ରୋପଲିଟାନଙ୍କୁ ବହୁତ ମନେ ପକାଉ । ତାଙ୍କର ଅନେକ ଯାତ୍ରା କରିବାର ଆମକୁ ଅଭ୍ୟାସ ଥିଲା ମାତ୍ର, ସେ ଘରକୁ ଫେରୁଥିଲେ, କିନ୍ତୁ ବର୍ତ୍ତମାନ ଆମକୁ ତାଙ୍କୁ ଆଉ ଥରେ ଦେଖିବା ପାଇଁ ସ୍ୱର୍ଗ ପହଞ୍ଚିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ଆଉ ଯଦି ମୁଁ ମୋ, ବିଷୟରେ କହେ ମେଟ୍ରୋପଲିଟାନ୍‌ଙ୍କ ଓ ମୋର ବିବାହକୁ ପ୍ରାୟ ୫୦ବର୍ଷ (୧୨ଦିନ କମ୍ )ସଂପୂର୍ଣ୍ଣ ହଇଯାଇଅଛି । ଆଉ ମୋତେ ବିଶ୍ୱାସ ଥିଲା ଯେ, ପ୍ରଭୁଙ୍କ ସେବା କରୁ କରୁ ଆମେ ଆମ ଜୀବନର ଶେଷ ପାହାଚ ପର୍ଯ୍ୟନ୍ତ ସାଥେ ସାଥେ ଜୀବନ ବିତେଇବୁ । କିନ୍ତୁ, ସବୁ ଭିନ୍ନ ହୋଇଗଲା । ଅକସ୍ମାତ୍ ଦୁର୍ଘଟଣା ଓ ମୃତ୍ୟୁ ଆମକୁ ଏହି ପୃଥିବୀରେ ସେଷ କଥାବାର୍ତ୍ତା ବା ପରସ୍ୱରକୁ ବିଦାୟ କହିବାକୁ ମଧ୍ୟ ଅନୁମତି ଦେଲା ନାହିଁ ।

ବର୍ତ୍ତମାନ ଏପରି ଅନେକ ବିଷୟ ଅଛି ଯାହା ମୁଁ କହିପାରୁ ନାହିଁ ଏବଂ ମୋ ପାଖରେ ଏପରି ପ୍ରଶ୍ନ ସବୁ ଅଛି ଯାହାର ଉତ୍ତର ପାଇବା ପାଇଁ ଅନନ୍ତ କାଳ ପର୍ଯ୍ୟନ୍ତ ମୋତେ ଅପେକ୍ଷା କରିବାକୁ ପଡିବ । ମୁଁ ମୋର ସର୍ବଶକ୍ତିମାନ ପ୍ରଭୁ ପରମେଶ୍ୱରଙ୍କ ଠାରେ ଭରସା କରିବାର ନିଷ୍ପତି ନେଇଅଛି, କାରଣ ତାହାଙ୍କ ବାକ୍ୟ କହେ, "ସେ ଉତ୍ତମ, ସେ ପ୍ରେମ ଏବଂ ସେ କଦାପି ଭୁଲ କରନ୍ତି ନାହିଁ ।

ତେବେ ଯୀଶୁଙ୍କୁ କ'ଣ ମୋର ଅଶ୍ରୁ ମୋର କ୍ଷତି ଓ ମୁଁ ଅନୁଭବ କରୁଥିବା ଦୁଃଖର ଅନୁଭବ ରହିଅଛି । ପରମେଶ୍ୱରଙ୍କ ବାକ୍ୟ ମୋତେ ଆଶ୍ୱାସନା ଦିଏ ଯେ, ସେ ଅନୁଭବ କରିପାନ୍ତି । କାରଣ ସେ ଏହି ପୃଥିବିରେ ଜୀବନ ଅତିବାହିତ କରିସାରିଛନ୍ତି ପୁଣି ସେ ସେହିସବୁ ବିଷୟର ସ୍ୱାଦ ଜାଣିଛନ୍ତି ଯାହା ସବୁ ଦେଇ ମୁଁ ଗତି କରୁଅଛି । ଏହା ବ୍ୟତୀତ କ୍ରୁଶ ଉପରେ ସେ ମୋର ସମସ୍ତ ଦୁଃଖ ପୀଡ଼ା ଯନ୍ତ୍ରଣାକୁ ବହନ କରିସାରିଛନ୍ତି ।

ଯେବେ ମୁଁ କାନ୍ଦେ, ଏକୁଟିଆ ଅନୁଭବ କରେ ଓ ନିଜ ଭବିଷ୍ୟତ ପାଇଁ ଚିନ୍ତା କରେ ସେ ମୋତେ ଆଶ୍ୱାସନା ଦିଅନ୍ତି, ମୋ ହୃଦୟରେ ସେହି ଦୁଃଖରୁ କେବେ ବାହାରିବ ଯାହା ମୁଁ ବର୍ତ୍ତମାନ ଅନୁଭବ କରୁଅଛି ? ପରମେଶ୍ୱର ଆମକୁ ଏହିପରି ନିର୍ମାଣ କରିଅଛନ୍ତି ଯେ, ଆମକୁ ଶୋକ କରିବା ପାଇଁ ସମୟର ଆବଶ୍ୟକତା ରହିଅଛି । ଯେପରି ଆମ ଆତ୍ମା କ୍ଷତି ପାଇଲା ପରେ ଠିକ ହେବ ଓ ସୁସ୍ଥତା ପ୍ରାପ୍ତ ହେବ । ଦାଉଦ ଯିଏ ଅନେକ ପରୀକ୍ଷା ଦେଇ ଗତି କଲେ ସେ ଗୀତସଂହିତା ୨୩:୩ ପଦରେ ନିଜ ଅନୁଭୁତିରୁ ସାକ୍ଷ୍ୟ ଦିଅନ୍ତି, *"ସେ ମୋ ପ୍ରାଣକୁ ସୁସ୍ଥ କରନ୍ତି"।* ଏହି ଦିନ ଗୁଡ଼ିକରେ ମୁଁ ଅନେକ ଥର ଗୀତସଂହିତା ପଢୁଅଛି ଓ ଦୁଇଟି ଭିନ୍ନ ଗୀତସଂହିତା ମାଧ୍ୟମରେ ପ୍ରାର୍ଥନା କରୁଅଛି । ପୁଣି ମୁଁ ସପୂର୍ଣ୍ଣ ହୃଦୟ ସହିତ ବିଶ୍ୱାସ କରେ ଯେ, ମୋ ପାଇଁ ଓ ସେ ସମସ୍ତଙ୍କ ପାଇଁ ଯେଉଁ ମାନେ ତାହଙ୍କ ଠାରେ ବିଶ୍ୱାସ କରନ୍ତି ସେ ସମସ୍ତଙ୍କ ପାଇଁ ସେହି ପୁନଃସ୍ଥାପନର ପ୍ରତିଜ୍ଞା ସପୂର୍ଣ୍ଣ କରିବାକୁ ପରମେଶ୍ୱର ବିଶ୍ୱସ୍ତ ଅଟନ୍ତି ।

ପ୍ରତ୍ୟେକ ଦିନ ସଂପୂର୍ଣ୍ଣ ଭାବରେ ମୁଁ ପରମେଶ୍ୱରଙ୍କ ନିକଟରେ ଭରସା ରଖୁଅଛି । ବର୍ତ୍ତମାନ ମୁଁ କେବଳ ଏତିକି କହିପାରେ ଯେ, ମୁଁ ବ୍ୟାକୁଳ ଅନୁଭବ କରେ ଏବଂ ସେ ପ୍ରତ୍ୟେକ ଦିନ ମୋ ସହିତ ଗମନ କରିବା ଓ ମୋତେ ଶକ୍ତି ଦେବା ପାଇଁ ବିଶ୍ୱସ୍ତ ଅଟନ୍ତି । ଯାହା ମୋତେ ନିତାନ୍ତ ଆବଶ୍ୟକ ଅଟେ । ମୋର ପ୍ରତ୍ୟକ ଦିନର କାର୍ଯ୍ୟ ସୁଚି ପୂର୍ବ ଅପେକ୍ଷା କମ୍ ହୋଇ ଯାଇଛି । ପୁଣି ବେଳେବେଳେ ମୋତେ ଟିକିଏ ଅଟକି ଯାଇ ଆରାମ୍ କରିବାକୁ ପଡୁଛି । କିମ୍ଵା ମୋର ନାତିନାତୁଣୀ ମାନଙ୍କ ସହିତ ସମୟ ବ୍ୟତୀତ କରିବାକୁ ପଡୁଛି ।

ଏହି ବିଷୟ ମଧ୍ୟ ମୋତେ ସବୁଠାରୁ ଅଧିକ ସାହାଯ୍ୟ କରୁଛି ଯେ, ମୁଁ ପରମେଶ୍ୱରଙ୍କ ବାକ୍ୟ ଉପରେ ନିର୍ଭର କରିପାରେ ଏବଂ ସେଥି ସହିତ ଲାଖି ରହିପାରେ । ମୋ ଜିବନର କଷ୍ଟପୂର୍ଣ୍ଣ

ସମୟରେ ତଥା ସେବା କାର୍ଯ୍ୟରେ ଆମେ ସମ୍ମୁଖିନ ହୋଇଥିବା ଅନେକ ସଂଘର୍ଷ ସମୟରେ ମୋତେ ଏହା ଶିଖିବାକୁ ଓ ଅଭ୍ୟାସ କରିବାକୁ ପଡିଥିଲା ।

ମୋର ପ୍ରିୟ ଭଉଣୀ, ମୁଁ ଆପଣଙ୍କୁ ଆପଣଙ୍କ ଜୀବନରେ କୌଣସି ଏକ ବଡ଼ ପରୀକ୍ଷାର ସମ୍ମୁଖିନ ହେବା ପୂର୍ବରୁ କିଛି ଶିଖିବାକୁ ଉତ୍ସାହିତ କରିବାକୁ ଚାହେଁ । ଯେଉଁ ପବିତ୍ର ଶାସ୍ତ୍ର ଉପରେ ମୁଁ ଭରସା କରୁଅଛି ତହିଁରୁ ଗୋଟିଏ ଯୀଶୁଙ୍କ ପ୍ରତିଜ୍ଞା ରହିଅଛି । ଯାହା ଏବ୍ରୀ ପୁସ୍ତକ ୧୩ ପର୍ବ ୫ ପଦରେ ଲେଖାଯାଏ, "ଆମ୍ଭେ ତୁମ୍ଭକୁ କେବେହେଁ ଛାଡ଼ିବା ନାହଁ, ଆମ୍ଭେ ତୁମ୍ଭକୁ କେବେହେଁ ପରିତ୍ୟାଗ କରିବା ନାହିଁ ।" ଏହି ବାକ୍ୟ ଭବିଷ୍ୟତର ମୋର ଭୟକୁ ଦୁର କରିଥାଏ । ମୁଁ ପରମେଶ୍ୱରଙ୍କ ପ୍ରେମ ଏବଂ ଅନୁଗ୍ରହ ବିଷୟରେ ଆପଣଙ୍କୁ କହିବାକୁ ଚାହେଁ ଯେ, ଯେଉଁଦିନ ଠାରୁ ମୋ ସ୍ୱାମୀ ପରମେଶ୍ୱରଙ୍କ ନିକଟକୁ ଗଲେ, ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ମୋର ସ୍ୱର୍ଗସ୍ଥ ପିତା ମୋ ହୃଦୟକୁ ତାହାଙ୍କ ଅସୀମ ଶାନ୍ତିରେ ପରିପୂର୍ଣ୍ଣ କରିଅଛନ୍ତି । ଯଦିଓ ମୁଁ  କାନ୍ଦିଲି, ତଥାପି ପରମେଶ୍ୱରଙ୍କର ଏହି ଶାନ୍ତି ମୋତେ ରାତିରେ ଭଲ ନିଦ ଦେଇଥାଏ ଏବଂ ମୋ ହୃଦୟରେ ଆଉ ଭୟ ରହେ ନାହିଁ । ମୁଁ ମୋ ପ୍ରତି ପରମେଶ୍ୱରଙ୍କ ଯତ୍ନ ଏବଂ ଦୟା ବିଷୟରେ ଭଲ ଭାବରେ ଅନୁଭବ କରିପାରିଛି । ମୁଁ ପରମେଶ୍ୱରଙ୍କ ନିକଟରେ କୃତଜ୍ଞ ଯେ, ମୋ ସ୍ୱାମୀ ପରମେଶ୍ୱରଙ୍କ ଆହ୍ୱାନରେ ବିଶ୍ୱସ୍ତ ଥିଲେ । ସେ ହଜାଆତ୍ମା ନିକଟକୁ ପହଞ୍ଚିବାର ଦର୍ଶନକୁ ବଜାଇ ରଖିଥିଲେ ଏବଂ ଏହି ପୃଥିବୀରେ ଜୀବନର ଶେଷ ମୁହୁର୍ତ୍ତ ପର୍ଯ୍ୟନ୍ତ ପ୍ରଭୁଙ୍କ ସେବା କରିଥିଲେ । ମୁଁ ବିଶ୍ୱାସ କରେ, ଯଦି ଆମେ ବର୍ତ୍ତମାନ ମୋ ସ୍ୱାମୀଙ୍କୁ ଦେଖିପାରୁ, ତେବେ ସେ ଆମକୁ କହିବେ ଯେ, ତାଙ୍କର ପରିଶ୍ରମ ଯାତ୍ରା ଓ ସଂର୍ଘଷ କିପରି ବହୁମୂଲ୍ୟ ଥିଲା । ଯେତେବେଳେ ସେ ଆମ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କୁ ମୁହାଁମୁହିଁ ଭାବରେ ସାକ୍ଷାତ କରିବେ । ଏବ୍ରୀ ପୁସ୍ତକ ୧୨ ପର୍ବ ୧ ପଦ ଆମକୁ ଘେରି ରହିଥିବା ସାକ୍ଷୀମାନଙ୍କର ମେଘ ବିଷୟରେ ବର୍ଣ୍ଣନା କରେ । ମୁଁ କଳ୍ପନା କରେ, ଆମ ମହାମାନ୍ୟ ମେଟ୍ରୋପଲିଟାନ୍ ମଧ୍ୟ ଏହି ମେଘରେ ସାମିଲ୍ ହୋଇଅଛନ୍ତ ଏବଂ ଉତ୍ସାହର ସହିତ ଆମକୁ ଦେଖୁଅଛନ୍ତି ଯେ, ଆମେ କିପରି ତାଙ୍କ ଉଦାହରଣ ତଥା ଆଦର୍ଶକୁ ଅନୁସରଣ କରୁଅଛୁ ଏବଂ ଗୋଟିଏ ମଣ୍ଡଳୀ ଭାବରେ ତାଙ୍କ ଦର୍ଶନ ଓ ମାର୍ଗ ଦର୍ଶନକୁ ସଂପୁର୍ଣ୍ଣ କରିବା ପାଇଁ  ଚେଷ୍ଟା ବଜାଇ ରଖିଛୁ ।

ପ୍ରିୟ ଭଉଣୀ, ଯଦି ଆମେ ଅନନ୍ତ ଜୀବନ ଯାପନ କରିବାକୁ ପସନ୍ଦ କରୁ, ପୁଣି ଯେଉଁମାନେ ଆଜି ପର୍ଯ୍ୟନ୍ତ ଯୀଶୁଙ୍କ ବିଷୟରେ ଜାଣି ନାହାନ୍ତି, ସେମାନଙ୍କ ନିକଟରେ ସୁସମାଚାର ପହଞ୍ଚାଇବାକୁ ନିଜ ଜୀବନ ସମର୍ପଣ କରୁ, ତେବେ ଆମେ ଆମ ପ୍ରଭୁଯୀଶୁ ଓ ଆତ୍ମିକ ପିତାଙ୍କ ନିମନ୍ତେ ସର୍ବଶ୍ରେଷ୍ଠ ସମ୍ମାନ ଓ ଆନନ୍ଦ ଆଣି ପାରିବା । ଆସନ୍ତୁ, ଆମେ ବିଶ୍ୱସ୍ତ ଭାବରେ ଆମ ମେଟ୍ରୋପଲିଟାନ୍ ଥିଓଫିଲସ୍ ଓ ଆମ ସମସ୍ତ ବିଶପ୍ ଓ ନେତାମାନଙ୍କ ନିମନ୍ତେ ପ୍ରାର୍ଥନା କରୁ ଯେ, ପରମେଶ୍ୱର ଆପଣା ବୁଦ୍ଧି ପ୍ରଦାନ କରି ସେମାନଙ୍କୁ ମାର୍ଗଦର୍ଶନ କରନ୍ତୁ । ଯେପରି ସେମାନେ ଆମମଣ୍ଡଳୀ ପାଇଁ ଆଶିର୍ବାଦ ଓ ଉତ୍ସାହର କାରଣ ହେବେ । ତେବେ ଆସନ୍ତୁ ଆମେ ଆଶାରେ ବାସ କରୁ ।

ମୋର ପ୍ରିୟ ଭଉଣୀମାନେ, ଏହି ପତ୍ରରେ ମୋର ଦୁଇ ମାସର ଯାତ୍ରାକୁ ଆପଣମାନଙ୍କ ସହିତ ବାଣ୍ଟିଅଛି । ପୁନରୁତ୍ଥାନର ପ୍ରତିଜ୍ଞା ଦିନେ ଆମର ସମସ୍ତ ଦୁଃଖକୁ ଆନନ୍ଦରେ ପରିଣତ କରିବ । ଆମେ ଆମ ମେଟ୍ରୋପଲିଟାନ୍ ଓ ଆମ ପୁର୍ବରୁ ଯେଉଁମାନେ ଯାଇଅଛନ୍ତି ସେ ସମସ୍ତଙ୍କ ସହିତ ବାସ କରିବା । ଏଥର ଏହା ଚରଦିନ ପାଇଁ ଏବଂ ଆମ ଉଦ୍ଧାରକର୍ତ୍ତାଙ୍କ ଉପସ୍ଥିତିରେ ହେବ । ଦୟାକରି ଏହା ଜାଣି ରଖନ୍ତୁ ଯେ, ମୁଁ ଖ୍ରୀଷ୍ଟରେ ଆପଣଙ୍କୁ ପ୍ରେମ କରେ ଓ ଆପଣଙ୍କ ପାଇଁ ପ୍ରାର୍ଥନା କରେ ।

ଖ୍ରୀଷ୍ଟରେ ଆପଣଙ୍କ ଭଉଣୀ

ଗିସେଲା ଯୋହନ୍ନାନ୍